## ସଂକ୍ଷେପରେ

### ୨୬ରେ ମାଓବାଦୀଙ୍କ ଭାରତ ବନ୍ଦ ଡାକରା

ମାଲକାନଗିରି,୨୨।୪(ଡି.ଏନ୍.ଏ.)- ମାଓବାଦୀ ସଙ୍ଗଠନ ପକ୍ଷରୁ ଏପ୍ରିଲ ୨୬ରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଛତିଶଗଡ଼ରେ ପ୍ରହାର-୩ ମାଓବାଦୀ ବିପ୍ଳବୀ ଆନ୍ଦୋଳନକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆଦିବାସୀଙ୍କୁ ଗିରଫ କରିବା ବିରୋଧରେ ସିପିଆଇ-ମାଓବାଦୀ ଏବଂ ଆନ୍ଧ୍ର-ଓଡ଼ିଶା ସୀମା ସ୍ୱତନ୍ତ୍ର ଜୋନାଲ କମିଟି ପକ୍ଷରୁ ଦେଶବ୍ୟାପୀ ଏହି ବନ୍ଦ ଡାକରା ଦିଆଯାଇଛି। ଆନ୍ଧ୍ର-ଓଡ଼ିଶା ବର୍ଡର ଡିଭିଜନର ମୁଖପାତ୍ର କୈଳାସମ୍ ଏକ ପ୍ରେସ୍ ବିବୃତିରେ ଏ ନେଇ ଜଣାଇଛନ୍ତି। କେନ୍ଦ୍ରରେ ଭାଜପା, ଆନ୍ଧ୍ରରେ ଜଗନ୍ ଏବଂ ଓଡ଼ିଶା ସରକାର ମାଓବାଦୀ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ଲକ୍ଷ୍ୟରେ ସାରା ଦେଶରେ ବିପ୍ଳବକାରୀଙ୍କ ଉପରେ ଆକ୍ରମଣ ଜାରି ରଖିଛନ୍ତି ବୋଲି କୈଳାସମ୍ ଏଥିରେ ଉଲ୍ଲେଖ କରିଛନ୍ତି। ତେବେ କିଛିଦିନ ପୂର୍ବରୁ ବିଚ୍ଛିନ୍ନାଞ୍ଚଳରେ ପୋଲିସ କ୍ୟାମ୍ପ ସ୍ଥାପନ କରିଛି ଏବଂ ଆଉ କିଛି ଶିବିର ପାଇଁ ପ୍ରସ୍ତୁତି ଚାଲିଛି। ଏହି ସମୟରେ ତୋଟାଗୁଡ଼ା ଏବଂ ସେଲାରାମରେ ଗୁଳି ବିନିମୟରେ ୩ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ କୃଷକଙ୍କ ମୃତ୍ୟୁ ଘଟିଥିବା ମାଓବାଦୀ ନେତା ଅଭିଯୋଗ କରିଛନ୍ତି। କୋମ୍ବିଂ ଅପରେଶନ ବାହାନାରେ ପୋଲିସ ଆଦିବାସୀଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲା । ତେଣୁ ଏହାର ପ୍ରତିବାଦରେ ମାଓବାଦୀ ସଙ୍ଗଠନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବା କୁହାଯାଇଛି।

### ଲୁଚୁଛନ୍ତି କେନ୍ଦୁପତ୍ର ତୋଳିବାକୁ ଆସିଥିବା ଶ୍ରମିକ

ମାଲକାନଗିରି,୨୨।୪(ଡି.ଏନ୍.ଏ.)- ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ର, ଛତିଶଗଡ଼ରୁ କେନ୍ଦୁପତ୍ର ତୋଳିବା ଲାଗି ଆସିଥିବା ୫୦୦ କେନ୍ଦୁପତ୍ର ଶ୍ରମିକଙ୍କୁ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଜିଲା ଛାଡ଼ିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେବା ପରେ ଏବେ ଶ୍ରମିକମାନେ ଲୁଚିବା ଆରମ୍ଭ କରିଛନ୍ତି। ଛତିଶଗଡ଼କୁ ଲାଗିଥିବା ପଦ୍ମଗିରି, ମୋଟୁ, ପଡ଼ିଆ, ଚଲାଣଗୁଡ଼ା ଓ ଆନ୍ଧ୍ରକୁ ଲାଗିଥିବା ଚିତ୍ରକୋଣ୍ଡାର କେତେକ ଅଞ୍ଚଳରେ ଏହି ଶ୍ରମିକମାନେ ଲୁଚି ରହି କାର୍ଯ୍ୟ କରୁଥିବା ଖବର ମିଳିଛି। ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ସେମାନଙ୍କୁ ଠାବକରି ନିଜ ପଞ୍ଚାୟତରୁ ବାହାର କରିବା ପାଇଁ ପଦକ୍ଷେପ ନେଉଥିବା ଜଣାପଡିଛି। ଯେଉଁମାନେ ପ୍ରଶାସନ ଆଦେଶକୁ ଅବମାନନା କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ମୁନିଗୁଡ଼ାରେ ଗୁଟ୍‌ଖା କଳାବଜାର

ମୁନିଗୁଡ଼ା,୨୨।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ସଦରସ୍ଥିତ ଅନେକ ଦୋକାନରେ ଗୁଟ୍‌ଖା କଳାବଜାର କରାଯାଉଥିବା ଅଭିଯୋଗ ହେଉଛି। ଗତବର୍ଷ ଲକ୍‌ଡାଉନ୍‌ବେଳେ ବ୍ୟବସାୟୀମାନେ ଗୁଟ୍‌ଖାର ବ୍ୟାପକ କଳାବଜାର କରିଥିଲେ। ୧୩୦ ଟଙ୍କା ରହିଥିବା ଗୁଟ୍‌ଖା ପ୍ୟାକେଟ ୫ଶହ ଟଙ୍କାରେ ବିକ୍ରି ହୋଇଥିଲା। ଏବେ ପୁଣି କରୋନା କଟକଣା ବଢୁଥିବାବେଳେ ଲକ୍‌ଡାଉନ୍ ଭୟ ଦେଖାଇ ୧୩୦ ଟଙ୍କାରେ ମିଳୁଥିବା ଗୁଟ୍‌ଖାକୁ ୨୨୦ରୁ ୨୫୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ସେହିପରି ଖୁଚୁରା ବ୍ୟବସାୟୀମାନେ ମଧ ଛୋଟ ପାଉଚ୍ ପିଛା ୧୦ ଟଙ୍କାରୁ ୨୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏମିତିକି ଲକ୍‌ଡାଉନ୍ ଆଶଙ୍କାରେ ବ୍ୟବସାୟୀମାନେ ଗୁଟ୍‌ଖା ଗଚ୍ଛିତ କରି ରଖୁଥିବା ମଧ କୁହାଯାଉଛି। ତେଣୁ ପ୍ରଶାସନ ପକ୍ଷରୁ ଚଢ଼ାଉ କରି ଗୁଟ୍‌ଖା ଜବତ ନିମନ୍ତେ ଦାବି ହେଉଛି।

### ୨୨୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଆର.ଉଦୟଗିରି,୨୨।୪(ଡି.ଏନ.ଏ.)- ଗଜପତି ଜିଲା ଆର.ଉଦୟଗିରି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ କାର୍‌ରୁ ୨୨୦ କେଜି ଗଞ୍ଜେଇ ଜବତ କରାଯାଇଛି। ଚାଲାଣରେ ସମ୍ପୃକ୍ତ କାର ଡ୍ରାଇଭରକୁ ଗିରଫ ହୋଇଛନ୍ତି। ସେ ହେଲେ ମୋହନା ଥାନା କପାଖାଲ ଗାଁର ହେମନ୍ତ ଗମାଙ୍ଗ। କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଜିଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆର.ଉଦୟଗିରି ଭାରପ୍ରାପ୍ତ ଅଧିକାରୀଙ୍କ ସହ ଅବକାରୀ ନିରୀକ୍ଷକ ପଦ୍ମ ଚରଣ ସାହୁ, ଉପନିରୀକ୍ଷକ ଘନଶ୍ୟାମ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆର.ଉଦୟଗିରି ଥାନା ମହେନ୍ଦ୍ରଗଡ ଗ୍ରାମରେ ଏକ କାରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା।

# କୁମ୍ଭମେଳା, ଅନ୍ୟ ରାଜ୍ୟ ଫେରନ୍ତାଙ୍କ ଯାଞ୍ଚ କଡ଼ାକଡ଼ି କର

- କୁମ୍ଭମେଳା ଫେରନ୍ତାଙ୍କୁ ନେଇ ଚିନ୍ତା
- ଅନେକଙ୍କ ତଥ୍ୟ ପ୍ରଶାସନ ନିକଟରେ ନାହିଁ
- ଯାଞ୍ଚ ବ୍ୟବସ୍ଥାର ଅନୁଧ୍ୟାନ କଲେ ଜିଲାପାଳ
- ଘର ବୁଲି ଅଙ୍ଗନୱାଡ଼ି କର୍ମୀ ସଂଗ୍ରହ କରିବେ ତଥ୍ୟ

ରାୟଗଡ଼ା ଅଫିସ,୨୨।୪

କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ରାୟଗଡ଼ା ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି। ବୁଧବାର ଜିଲାରୁ ୮୫ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୪ ଘଣ୍ଟା ମଧ୍ୟରେ ଜିଲାରୁ ୧୦୫ ନୂତନ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କୁମ୍ଭମେଳା ଫେରନ୍ତା ଏବେ ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି।

ଜିଲାରୁ ୧୫୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ହରିଦ୍ୱାର କୁମ୍ଭମେଳାକୁ ଯାଇଥିଲେ। ଏବେ ସେମାନେ ଜିଲାକୁ ଫେରୁଛନ୍ତି। ହେଲେ ପ୍ରଶାସନ ନିକଟରେ କୁମ୍ଭମେଳାକୁ ଯାଇଥିବା ଲୋକଙ୍କ ସମ୍ପୂର୍ଣ୍ଣ ତଥ୍ୟ ନ ଥିବାରୁ ଜିଲାରେ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲା ପ୍ରଶାସନ ନିକଟରେ ଏ ପର୍ଯ୍ୟନ୍ତ ପ୍ରାୟ ୧୦୦ କୁମ୍ଭମେଳା ଫେରନ୍ତାଙ୍କ ତଥ୍ୟ ରହିଥିବାବେଳେ ସେଥିମଧ୍ୟରୁ ୯୦ଜଣଙ୍କ ତଥ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ତେବେ ଅନ୍ୟମାନଙ୍କ ତଥ୍ୟ ଏ ପର୍ଯ୍ୟନ୍ତ ମିଳି ନ ଥିବା ଜଣାପଡ଼ିଛି। କୁମ୍ଭମେଳାକୁ ଯାଇଥିବା ଶ୍ରଦ୍ଧାଳୁ ସୀମାନ୍ତ ଆନ୍ଧ୍ର ଦେଇ ଜିଲାକୁ ଫେରୁଛନ୍ତି। ତେଣୁ ଏହାର ତଥ୍ୟ ମଧ ରଖିବା ଜରୁରୀ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ତେଣୁ ଏହାକୁ ଗୁରୁତର ସହ ନେଇ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଗୁରୁବାର ରାୟଗଡ଼ା ରେଳଷ୍ଟେଶନ ଏବଂ କେରେଡ଼ା ସୀମାନ୍ତ ଚେକ୍ ପଏଣ୍ଟ ଗସ୍ତକରି ଯାଞ୍ଚ ପ୍ରକ୍ରିୟାର ଅନୁଧ୍ୟାନ କରିଥିଲେ। ରେଳ୍‌ୱେ ଷ୍ଟେଶନ କର୍ମଚାରୀ ଓ ପୌର ଅଧିକାରୀଙ୍କ ସହ ଆଲୋଚନା କରି ଷ୍ଟେଶନ ଦେଇ ଆସୁଥିବା ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆର୍‌ଟି-ପିସିଆର୍ ପରୀକ୍ଷା ଓ କୋଭିଡ୍ ଟିକାକରଣ ରିପୋର୍ଟ ଯାଞ୍ଚ, ପଞ୍ଜୀକରଣ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ବାହାର ରାଜ୍ୟ ଏବଂ ବିଶେଷକରି କୁମ୍ଭମେଳା ଫେରନ୍ତାଙ୍କ ଯାଞ୍ଚ କଡ଼ାକଡ଼ି କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। କେରେଡ଼ାସ୍ଥିତ ଚେକ୍ ପଏଣ୍ଟରେ ମଧ ଯାଞ୍ଚ କଡ଼ାକଡ଼ି ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତବେଳେ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ରାୟଗଡ଼ା ବିଡିଓ ରାଜେନ୍ଦ୍ର ମାଝି, ତହସିଲଦାର ଉମାଶଙ୍କର ବେହେରା, ପୌର ନିର୍ବାହୀ ଅଧିକାରୀ ୟାସିର ବି. ଅହମଦ, ଶେଷଖାଲ ଥାନାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକ୍ ସ୍ତରରେ ମଧ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ପ୍ରତ୍ୟେକ ବ୍ଲକ୍ ଅଧିକାରୀ, ତହସିଲଦାର ଓ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ବିଶେଷକରି କୁମ୍ଭମେଳା ଫେରନ୍ତାଙ୍କ ଉପରେ କଡ଼ା ନଜର ରଖାଯାଇଥିବା ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ଜିଲାର ୪୪ କୁମ୍ଭମେଳା ଫେରନ୍ତାଙ୍କୁ ସଙ୍ଗରୋଧରେ ରଖାଯାଇଛି। ଏ ବିଷୟରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଆର୍‌ଡିଏ ପିଡି, ରାୟଗଡ଼ା ଉପଜିଲାପାଳ, ଗୁଣପୁର ଉପଜିଲାପାଳ ଜେ. ସୋନାଲଙ୍କ ତତ୍ତ୍ୱାବଧାନରେ ଦୈନିକ ମନିଟରିଂ କରାଯାଉଥିବା ସୂଚନା ମିଳିଛି। ଏହାକୁ ନଜରରେ ରଖି ଜିଲାରେ ୩୬ଟି କ୍ଲଷ୍ଟର ସ୍ତରୀୟ ଟିଏମ୍‌ସି ପ୍ରସ୍ତୁତ ରଖାଯାଇଥିବାବେଳେ ବ୍ଲକ୍ ସ୍ତରରେ ୮୦ ଟିଏମ୍‌ସି ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ସେହିପରି ସନ୍ଧ୍ୟାରେ ଜିଲାପାଳ ତହସିଲଦାର, ବିଡିଓ ଏବଂ ସିଡିପିଓମାନଙ୍କୁ ନେଇ ଅନ୍‌ଲାଇନ୍ ବୈଠକ କରିଥିଲେ। ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଘର ଘର ବୁଲି ୨ ଦିନ ମଧ୍ୟରେ କୁମ୍ଭ ମେଳା ଫେରନ୍ତାଙ୍କ ତଥ୍ୟ ସଂଗ୍ରହ ନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାବାସୀଙ୍କୁ ଅଧିକ ସଚେତନ କରିବା ଉପରେ ମଧ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ରାୟଗଡ଼ା ସହରର ବିଭିନ୍ନ ଛକରେ ବହୁ ବିଭାଗୀୟ ଅଧିକାରୀଙ୍କୁ ନିୟୋଜିତ କରି ମାସ୍କ ବ୍ୟବହାର ନିମନ୍ତେ ସଚେତନ କରାଯାଉଛି।

# ଘରୋଇ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ମାଓବାଦୀଙ୍କ ଟାର୍ଗେଟ

କୋରୁକୋଣ୍ଡା, ୨୨।୪(ଡି.ଏନ୍.ଏ.)


ମାଓବାଦୀମାନେ ମାରିଥିବା ବ୍ୟାନର।

- ରାସ୍ତା ପାର୍ଶ୍ୱରେ ମାରିଲେ ବ୍ୟାନର
- ପତ୍ର ତୋଳାଳିଙ୍କୁ ଉଚିତ ଦାମ ଦେବାକୁ ଦାବି
- ବ୍ୟବସାୟୀଙ୍କ କାର୍ଯ୍ୟ ତଦାରଖ କରୁନି ବନ ବିଭାଗ

ଘରୋଇ କେନ୍ଦୁପତ୍ର ବ୍ୟବସାୟୀଙ୍କ ବିରୋଧରେ ବ୍ୟାନର ମାରି ଚେତାବନୀ ଦେଇଛି ଲାଲ ବାହିନୀ। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତର ମୁଖ୍ୟ ରାସ୍ତାର ପାର୍ଶ୍ୱରେ ଲାଲ ରଙ୍ଗର ବ୍ୟାନର ମାରି ସେମାନଙ୍କୁ ସତର୍କ କରାଇ ଦେଇଛନ୍ତି ମାଓବାଦୀ। ପୂର୍ବରୁ ଠିକାଦାର ଓ ପୋଲିସଙ୍କୁ ଟାର୍ଗେଟ କରି ଆସୁଥିବା ମାଓବାଦୀମାନେ ଏବେ ଘରୋଇ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ଟାର୍ଗେଟ କରିଛନ୍ତି। ସେମାନେ ମାରିଥିବା ବ୍ୟାନରରେ ଉଲ୍ଲେଖ ରହିଛି ଯେ, କେନ୍ଦୁପତ୍ର ତୋଳାଳିଙ୍କୁ ଠିକ୍ ଦାମ ଦିଅନ୍ତୁ। ଯେତିକି ଟଙ୍କାରେ ପତ୍ର କିଣାଯାଉଛି ତା'ର ୧୦୦ ପ୍ରତିଶତ ବୋନସ ଦେବା ସହ କେନ୍ଦୁପତ୍ର ତୋଳାଳିଙ୍କ ଝିଅପୁଅଙ୍କ ପାଠପଢ଼ା, ବାହାଘର ଓ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ଘଟିଲେ ସେମାନେ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ବୋଲି ଉଲ୍ଲେଖ ରହିଛି। ଏଥିରେ ଖିଲାପ କଲେ ଖଇରପୁଟ ଡିପୋରେ ଯେଉଳି ନିଆଁ ଲଗାଯାଇଥିଲା, ଏମଭି-୧୭ ଗ୍ରାମର ମୁନ୍‌ସୀଙ୍କୁ ଯେପରି ହତ୍ୟା କରାଯାଇଥିଲା ସେହିଭଳି ରେଞ୍ଜର, ଫରେଷ୍ଟର ଓ ଘରୋଇ ବ୍ୟବସାୟୀଙ୍କୁ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ବ୍ୟାନର ତଳେ କୋରୁକୋଣ୍ଡା ଓ ଚିତ୍ରକୋଣ୍ଡା ଡିଭିଜନ ସିପିଆଇ ମାଓବାଦୀ ବୋଲି ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ନିଜ ପଞ୍ଚାୟତ ଅଞ୍ଚଳରେ କେନ୍ଦୁପତ୍ର କିଣିବାକୁ ଘରୋଇ ବ୍ୟବସାୟୀଙ୍କୁ ଅନୁମତି ସରପଞ୍ଚ ଦେଇଥାନ୍ତି। ସେହି ସମୟରେ ଉପରୋକ୍ତ ସୁବିଧା ସୁଯୋଗ ତୋଳାଳିଙ୍କୁ ଦେବା ଲାଗି ରହିଥିବା ନିୟମ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଉଛି। ଏନେଇ ବନ ବିଭାଗ ତଦାରଖ କରିବା କଥା। ମାତ୍ର ତାହା ହେଉନାହିଁ। ଫଳରେ ତୋଳାଳିମାନେ ଶୋଷଣର ଶିକାର ହେବା ଆଶଙ୍କା କରି ମାଓବାଦୀଙ୍କ ପକ୍ଷରୁ ଏପରି ଧମକପୂର୍ଣ୍ଣ ବ୍ୟାନର ମରାଯାଇଛି।

# ମହିଳାଙ୍କ ବିକାଶ ନିମନ୍ତେ ସୂର୍ଯ୍ୟୋଦୟ ପ୍ରକଳ୍ପ

ରାୟଗଡ଼ା ଅଫିସ/ଟିକିରି, ୨୨।୪(ଡି.ଏନ୍.ଏ)


କମ୍ପାନୀ ପକ୍ଷରୁ ଗାଁରେ ସର୍ଭେ କରାଯାଉଛି ।

**ୟୁଏଆଇଏଲ୍ ପକ୍ଷରୁ ୪୨ ମହିଳାଙ୍କୁ ଦିଆଯିବ ତାଲିମ**

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ(ୟୁଏଆଇଏଲ୍)ପକ୍ଷରୁ ବାଫିଲିମାଳି ଖଣି ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ପାରିପାର୍ଶ୍ୱିକ ବିକାଶ ନିମନ୍ତେ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। ଖଣି ନିକଟରେ ଅବସ୍ଥିତ ପାଇକକୁପଖାଲ ଗ୍ରାମବାସୀଙ୍କ ମଧ୍ୟରେ ଦେଖାଦେଇଥିବା ଅସନ୍ତୋଷକୁ ଦୂର କରି ସେମାନଙ୍କ ସହ ସଦ୍‌ଭାବ ସ୍ଥାପନ ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ଆଉ କେତେକ ପଦକ୍ଷେପ ନିଆଯାଇଛି। ଓମେନ୍ ଅର୍ଗାନାଇଜେଶନ ଫର୍ ରୁରାଲ ଡେଭେଲପମେଣ୍ଟ(ୱାର୍ଡ)ର ସହଭାଗିତାରେ ଗ୍ରାମର ୪୨ ମହିଳାଙ୍କୁ ସ୍ଥାୟୀ ଜୀବିକା ଉପାର୍ଜନର ସୁଯୋଗ ଦେବା ନିମନ୍ତେ 'ସୂର୍ଯ୍ୟୋଦୟ' ନାମକ ଏକ ନର୍ସରୀ ବିକାଶ କାର୍ଯ୍ୟ ଆରମ୍ଭ କରିଛି। ୪୨ ମହିଳାଙ୍କୁ ଖଣି ପୁନଃଭରଣା ଓ ଚାରାରୋପଣ କାର୍ଯ୍ୟକ୍ରମର ଅଂଶବିଶେଷଭାବେ ନର୍ସରୀ ବିକାଶ ଉପରେ କୁଶଳତା ତାଲିମ ଦିଆଯିବ। ଏଥିନିମନ୍ତେ ୟୁଏଆଇଏଲ୍ କମ୍ୟୁନିଟି ରିଲେସନ୍ସ ଆଣ୍ଡ ସସ୍‌ଟେନାବିଲିଟି ଟିମ୍ ପକ୍ଷରୁ ପାଇକକୁପଖାଲ ଗ୍ରାମରେ ସର୍ଭେ କରାଯାଇଥିଲା। ସର୍ଭେରେ ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ, ଅସହାୟ ମହିଳା, ଭୂମିହୀନ ପରିବାର ଏବଂ ଅନ୍ୟ ସହାୟତା ଆବଶ୍ୟକ କରୁଥିବା ଲୋକଙ୍କୁ ଚିହ୍ନଟ କରାଯାଇଥିଲା। ସହାୟତା ଆବଶ୍ୟକ କରୁଥିବା ବର୍ଗଙ୍କୁ ଏକକାଳୀନ ଆର୍ଥିକ ସହାୟତା ଦିଆଯାଇଛି। ଏ ବିଷୟରେ ୟୁଏଆଇଏଲ୍ ୟୁନିଟ ମୁଖ୍ୟ ମଜହର ବୈଗ୍ କହିଛନ୍ତି, ଗ୍ରାମର ମହିଳାଙ୍କ ବିକାଶ ପାଇଁ କମ୍ପାନୀ ଚେଷ୍ଟିତ। ପ୍ରଥମ ପର୍ଯ୍ୟାୟରେ ନର୍ସରୀ ବିକାଶ କାମ ହାତକୁ ନିଆଯାଇଛି। ଶୀଘ୍ର ମହିଳାଙ୍କ ବିକାଶ ନିମନ୍ତେ ଅନ୍ୟ ପ୍ରକଳ୍ପଗୁଡ଼ିକ ପ୍ରତି ଦୃଷ୍ଟି ଦିଆଯିବ। ଗ୍ରାମବାସୀଙ୍କ ସ୍ଥାୟି ବିକାଶ ନିମନ୍ତେ କମ୍ପାନୀ ନିରନ୍ତର କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

କାଲିମେଳା,୨୨।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ବଦିଲି ପଞ୍ଚାୟତର ପୋଟେରୁ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ନିଜ ବାଦାମ କ୍ଷେତକୁ ରାତିରେ ଶୋଇବାକୁ ଯାଇଥିବା ଜଣେ ଯୁବକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ ପଟେରୁ ବଜାର ଅଞ୍ଚଳର ଧୀରେନ୍ଦ୍ର ସାହୁଙ୍କ ପୁଅ ମନୋଜ(୨୩)। ସୂଚନା ଅନୁଯାୟୀ, ମନୋଜ ୨କି.ମି. ଦୂର କ୍ଷେତକୁ ଶୋଇବାକୁ ଯାଇଥିବାବେଳେ ବଜ୍ରପାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ଭାଇ ଜୟନ୍ତ କ୍ଷେତକୁ ଯାଇଥିବାବେଳେ ମନୋଜଙ୍କ ମୃତ୍ୟୁ ହୋଇଥିବା ଦେଖି ପରିବାର ଏବଂ ଗାଁ ଲୋକଙ୍କୁ ଜଣାଇଥିଲେ । ଖବର ପାଇ ପୋଟେରୁ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ୧୦ ଦିନରେ ଜିଲାକୁ ଆସିଛନ୍ତି ୪୧୭୯ ପ୍ରବାସୀ

ମାଲକାନଗିରି,୨୨।୪(ଡି.ଏନ୍.ଏ.)

- ମାଲକାନଗିରି ଜିଲାରୁ ୧୬ ପଜିଟିଭ
- ପ୍ରବାସୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ମାଲକାନଗିରି ଜିଲାରୁ ଗୁରୁବାର ୧୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ମାଲକାନଗିରି ପୌରାଞ୍ଚଳରୁ ୩ ଜଣ, କାଲିମେଳା ବ୍ଲକ୍‌ରୁ ୩, କୋରୁକୋଣ୍ଡାରୁ ୧, ମାଲକାନଗିରି ବ୍ଲକ୍‌ରୁ ୧, ଖଇରପୁଟ ବ୍ଲକ୍‌ରୁ ୬, ବାଲିମେଳା ଏନ୍‌ଏସିରୁ ୧, ଚିତ୍ରକୋଣ୍ଡା ବ୍ଲକ୍‌ରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୩୩୫ରେ ପହଞ୍ଚିଛି। ଏଥିମଧ୍ୟରୁ ୭୪ ସକ୍ରିୟ ମାମଲା ରହିଥିବା ଜଣାପଡ଼ିଛି।

ନୂତନ ପଜିଟିଭ ଚିହ୍ନଟ ପରେ ମାଲକାନଗିରି ପୌର ପରିଷଦ ୱାର୍ଡ ନମ୍ବର ୯ ସ୍ଥିତ ଆଇଏମ୍‌ଏସ୍‌ଟି ସ୍କୁଲ ଏବଂ ଏଜୁକେଶନ କଲୋନିକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବୁଧବାର ୭୪୪ ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ବାହାର ରାଜ୍ୟରୁ ଆସୁଥିବା ସମସ୍ତ ଲୋକଙ୍କଠାରୁ ଆର୍‌ଟି-ପିସିଆର୍ ଟେଷ୍ଟ ରିପୋର୍ଟ ଏବଂ ୨ ଡୋଜ୍ ଟିକା ନେଇଥିବା ପ୍ରମାଣପତ୍ର ଯାଞ୍ଚପରେ ଜିଲାକୁ ପ୍ରବେଶ ପାଇଁ ଅନୁମତି ଦିଆଯାଉଛି। ସେହିପରି ଏପ୍ରିଲ ୧୨ରୁ ଏ ପର୍ଯ୍ୟନ୍ତ ଜିଲାକୁ ୪ହଜାର ୧୭୯ ପ୍ରବାସୀ ମୋଟୁ ସୀମା ଦେଇ ମାଲକାନଗିରି ଜିଲାରେ ପ୍ରବେଶ କରିଛନ୍ତି। ସେଥିମଧ୍ୟରୁ ୩୧୦୭ ମାଲକାନଗିରି ଜିଲାର ପ୍ରବାସୀ ହୋଇଥିବାବେଳେ ୧୦୧୨ ଜଣ ଅନ୍ୟ ଜିଲାର ଏବଂ ୬୦ ଜଣ ଅନ୍ୟ ରାଜ୍ୟର ପ୍ରବାସୀ ବୋଲି ଜଣାପଡ଼ିଛି। ପ୍ରବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଜଣେ ଆୟୁଷ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସଂକ୍ରମିତଙ୍କ ନିମନ୍ତେ ଜିଲା ସଦର ମହକୁମା ପୁରୁଣା ଡାକ୍ତରଖାନାକୁ କାର୍ଯ୍ୟକ୍ଷମ କରାଯାଇଛି। ରୋଗୀଙ୍କ ଖାଦ୍ୟପେୟ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି।

# ନାଳ ସଫେଇ କଲେ ୭୪ ବର୍ଷୀୟା ନାଏବ ସରପଞ୍ଚ

ଗୋବିନ୍ଦପାଲି,୨୨।୪(ଡି.ଏନ୍.ଏ.)



ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ସଦର ଗ୍ରାମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବାବେଳେ ନାଳଗୁଡ଼ିକ ମଧ ସଫେଇ କିମ୍ବା ରକ୍ଷଣାବେକ୍ଷଣ ହେଉ ନ ଥିବା ଦେଖିବାକୁ ମିଳୁଛି। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସରକାରଙ୍କ ପକ୍ଷରୁ ଟଙ୍କା ବ୍ୟୟ ହେଉଛି। ହେଲେ ତଳ ସ୍ତରରେ ତାହାର ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

ଖୋଦ୍ ନାଏବ ସରପଞ୍ଚଙ୍କ ଘର ସମ୍ମୁଖରେ ଓ ହରିଜନ ସାହି ଛକସ୍ଥିତ ରାସ୍ତା ଓ ନାଳର ଅବସ୍ଥା ଶୋଚନୀୟ ରହିଛି। ତେବେ ଏ ନେଇ ଅନେକ ଥର ମାସିକ ପଞ୍ଚାୟତ ବୈଠକରେ ଦୃଷ୍ଟି ଆକର୍ଷଣ ପରେ ମଧ ସମାଧାନ ହେଉ ନ ଥିବାରୁ ବାଧହୋଇ ୭୪ ବର୍ଷୀୟା ନାଏବ ସରପଞ୍ଚ ଶାନ୍ତିଲତା ରଥ ନିଜେ ନାଳ ସଫେଇ କରୁଥିବା ଦେଖିବାକୁ ମିଳିଛି। ସେ ପ୍ରଶାସନର କାର୍ଯ୍ୟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ତାହାର କାର୍ଯ୍ୟ କରୁ ନ ଥିବାବେଳେ ଜଣେ ବୃଦ୍ଧା ନିଜେ ପରିଶ୍ରମ କରି ସଫେଇ କାର୍ଯ୍ୟ କରୁଥିବା ଦେଖି ଗ୍ରାମବାସୀ ମଧ ପ୍ରଶାସନ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆବର୍ଜନା ପରିବେଶ ଯୋଗୁ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି। ତେଣୁ ଶୀଘ୍ର ପରିମଳ ବ୍ୟବସ୍ଥାରେ ସୁଧାର ନ ଆସିଲେ ପଞ୍ଚାୟତ ଘେରାଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ପଡୋଶୀ ମାଥିଲି ପଞ୍ଚାୟତର ପରିମଳ ବ୍ୟବସ୍ଥା ଏବଂ ଉନ୍ନତିକରଣ କାର୍ଯ୍ୟକୁ ତୁଳନା କରି ଅଞ୍ଚଳର ସମରା କିରସନୀ, ନୀଳକଣ୍ଠ କିରସନୀ, ତୁଳସା ନାୟକ, ଶିବ ଚାଲାଣ, ଅଭି ମାଣ୍ଡି, ଗୋପୀ ମାଳି, ଗୁପ୍ତ ପଟ୍ଟନାୟକ, ଲଛିମଦେଇ ନାୟକ ପ୍ରମୁଖ ନିଜ ପଞ୍ଚାୟତର ଦୂରାବସ୍ଥା ନେଇ ଦୁଃଖ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କିଛି ବର୍ଷ ତଳେ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ଜିଲାର ଶ୍ରେଷ୍ଠ ପଞ୍ଚାୟତର ମାନ୍ୟତା ପାଇ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ହେଲେ ଏବେ ପଞ୍ଚାୟତର ସ୍ଥିତି ସମ୍ପୂର୍ଣ୍ଣ ଓଲଟା ବୋଲି ମତପ୍ରକାଶ ପାଉଛି।

# ଦିନକରେ ରେକର୍ଡ ୧୦୫ ପଜିଟିଭ

ରାୟଗଡ଼ା ଅଫିସ, ୨୨।୪

ରାୟଗଡ଼ା ଜିଲାରୁ ଗୁରୁବାର ରେକର୍ଡ ୧୦୫ ପଜିଟିଭ ଚିହ୍ନଟ ହୋଇଛନ୍ତି। କରୋନାର ଦ୍ୱିତୀୟ ଲହରରେ ଜିଲାରେ ପ୍ରଥମଥର ସଂକ୍ରମିତଙ୍କ ସଂଖ୍ୟା ଶହେ ପାର୍ ହୋଇଛି। ଏଥିରେ ବିଷମକଟକରୁ ୧, ଗୁଡାରିରୁ ୨, ଗୁଣପୁର ଗ୍ରାମାଞ୍ଚଳରୁ ୨, ଗୁଣପୁର ସହରାଞ୍ଚଳରୁ ୧୬, କାଶୀପୁରରୁ ୪, କୋଲନରାରୁ ୮, ମୁନିଗୁଡ଼ାରୁ ୨୩, ପଦ୍ମପୁରରୁ ୩, ରାମନାଗୁଡ଼ାରୁ ୭, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୬, ରାୟଗଡ଼ା ସହରାଞ୍ଚଳରୁ ୨୩ ଜଣ ରହିଛନ୍ତି।

# ବିଦ୍ୟାଳୟ ପାଲଟିଛି ମହୁଲ ଗୋଦାମ

ମାଲକାନଗିରି,୨୨।୪(ଡି.ଏନ୍.ଏ)

**ସ୍କୁଲ ବନ୍ଦର ସୁଯୋଗ ନେଇଛନ୍ତି ବ୍ୟବସାୟୀ**

ସ୍କୁଲ ପାଲଟିଛି ମହୁଲ ଗୋଦାମ। ଛାତ୍ରୀଛାତ୍ରଙ୍କ ପଢ଼ିବା ସ୍ଥାନରେ ରଖାଯାଉଛି ମହୁଲ। ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍ କାଲଦାପାଲି ପଞ୍ଚାୟତର କୁର୍ତ୍ତି ସ୍କୁଲରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ସ୍କୁଲର ବିଭିନ୍ନ ଶ୍ରେଣୀଗୃହରେ ବସ୍ତା ବସ୍ତା ମହୁଲ ଗଚ୍ଛିତ ହୋଇ ରହିଥିବା ଦେଖିବାକୁ ମିଳିଛି। ଏପରିକି ସ୍କୁଲ ପରିସରରେ କେତେକେ ମହୁଲ ବ୍ୟବସାୟ କରୁଥିବା ମଧ ନଜରକୁ ଆସିଛି। କରୋନା ପରିସ୍ଥିତିରେ ବର୍ଷେ ହେଲା ସ୍କୁଲ ବନ୍ଦ ପଡ଼ିଥିବାରୁ ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ସ୍କୁଲକୁ ମହୁଲ ଗୋଦାମରେ ପରିଣତ କରିଛନ୍ତି। ଅନ୍ୟପଟେ ମହୁଲ ବସ୍ତା ଗଚ୍ଛିତ ରଖାଯାଇଥିବାରୁ ସ୍କୁଲ ପରିବେଶ ମଧ ଅପରିଷ୍କାର ହୋଇପଡ଼ିଛି। ଆଗାମୀ ଦିନରେ କୋଠରିଗୁଡ଼ିକ ନଷ୍ଟ ହେବା ମଧ ଆଶଙ୍କା ରହିଛି। ଏ ନେଇ ପଡ଼ିଆ ବିଇଓ ଚିରନ ପାଢ଼ୀଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


ସ୍କୁଲ ପରିସରରେ ଗଦା ହୋଇଥିବା ମହୁଲ ବସ୍ତା ।

# କାଶୀପୁର ବ୍ଲକ୍ ୧୨ ଘଣ୍ଟା ବନ୍ଦ



କାଶୀପୁର ଅଞ୍ଚଳ ବିକାଶ ପରିଷଦ ପକ୍ଷରୁ ରାସ୍ତାରୋକୋ କରାଯାଇଛି ।

ଟିକିରି,୨୨।୪(ଡି.ଏନ୍.ଏ.)

**ଡିଆର୍‌ଡିଏ ପିଡିଙ୍କ ବଦଳିର ପ୍ରତିବାଦ**

ରାୟଗଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ମହେଶ୍ୱର ନାୟକଙ୍କ ବଦଳିକୁ ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି। ୪ ବର୍ଷମଧ୍ୟରେ ଡିଆର୍‌ଡିଏ ପିଡିଙ୍କ ୩ ଥର ବଦଳି ହେଲାଣି। ସେହିପରି ନୂତନ ପିଡି ଭାବେ ମହେଶ୍ୱର ନାୟକଙ୍କ ମାର୍ଚ୍ଚ ୧୮ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହାର ମାସେ ନ ପୂରୁଣୁ ତାଙ୍କ ସ୍ଥାନରେ ରାଇରଙ୍ଗପୁର ଉପ ଜିଲାପାଳ ଧର୍ମେନ୍ଦ୍ର ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି । ଏହାକୁ କାଶୀପୁର ଅଞ୍ଚଳ ବିକାଶ ପରିଷଦ ବିରୋଧ କରିଛି। ପ୍ରତିବାଦରେ ଗୁରୁବାର ପରିଷଦ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ପିଡିଙ୍କ ବାରମ୍ବାର ବଦଳି ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ତାଙ୍କ ବଦଳି ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା ନିମନ୍ତେ ପରିଷଦ ପକ୍ଷରୁ ଦାବି ହୋଇଛି। ସେହିପରି କାଶୀପୁର ବ୍ଲକ୍‌ରେ ଦୀର୍ଘ ଦିନ ହେଲା ସ୍ଥାୟୀ ବିଡିଓଙ୍କୁ ନିଯୁକ୍ତି ଦିଆଯାଇନାହିଁ। ତେଣୁ ସ୍ଥାୟୀ ବିଡିଓଙ୍କୁ ନିଯୁକ୍ତି ଦେବା ନିମନ୍ତେ ପରିଷଦ ପକ୍ଷରୁ ଦାବି ହୋଇଛି। ଏହି ଦୁଇ ଦାବିକୁ ନେଇ ପରିଷଦ ପକ୍ଷରୁ ଦୋକାନ, ବଜାର ବନ୍ଦ କରାଯିବା ସହ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରାଯାଇଥିଲା। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବିକାଶ ପରିଷଦର ସଦସ୍ୟ ସାଧୁଚରଣ ମାଝି, ମନୋଜ ନାୟକ, ଡମ୍ବରୁ ମାଝି, ଭୀମସେନ ମାଝିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ବନ୍ଦକୁ ସଫଳ କରିଥିଲେ।

### ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର

ରାୟଗଡ଼ା ଅଫିସ,୨୨।୪

ରାୟଗଡ଼ା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଡିଆର୍‌ଡିଏ ପିଡିଙ୍କ ବଦଳିର ପ୍ରତିବାଦ କରାଯିବା ସହ ବଦଳି ନିର୍ଦ୍ଦେଶ ପ୍ରତ୍ୟାହାର ନିମନ୍ତେ ଏକ ଦାବିପତ୍ର ରାୟଗଡ଼ା ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଦାବିପତ୍ର ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଏବେ ଡିଆର୍‌ଡିଏ ପିଡି ଥିବା ମହେଶ୍ୱର ନାୟକ ରାୟଗଡ଼ା ଜିଲା ବାସିନ୍ଦା ହୋଇଥିବାରୁ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବଦଳି କରାଯାଇଥିବା ଭାଜପା ଅଭିଯୋଗ ଆଣିଛି।

## ସଂକ୍ଷେପରେ

### ନବରଙ୍ଗପୁରରୁ ୨୦୭ ପଜିଟିଭ

ନବରଙ୍ଗପୁର,୨୨।୪(ବି.ପ୍ର.)-ନବରଙ୍ଗପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ନିୟମିତ ବୃଦ୍ଧି ପାଉଛି। ଗୁରୁବାର ୨୦୭ ଜଣ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଉମରକୋଟ ପୌରାଞ୍ଚଳରୁ ୧୮ ଓ ଉମରକୋଟ ବ୍ଲକରୁ ୨୩, ନବରଙ୍ଗପୁର ପୌରାଞ୍ଚଳରୁ ୪, ଝରିଗାଁରୁ ୫୬, ରାଇଘର ୫୭, ଚନ୍ଦାହାଣ୍ଡି ୨୫, ଡାବୁଗାଁ ୩, ପାପଡ଼ାହାଣ୍ଡି ୩, କୋଷାଗୁମୁଡା ୩, ନନ୍ଦାହାଣ୍ଡି ୫ ଓ ତେନ୍ତୁଳିଖୁଣ୍ଟି ବ୍ଲକରେ ୧୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ଏବେ ୧୪୨୯ ଜଣ ଆକ୍ରାନ୍ତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୩୭୫ ଜଣ ଗୃହ ସଙ୍ଗରୋଧରେ ଅଛନ୍ତି।

### କରୋନା ସାଙ୍ଗରେ ବଢୁଛି ସାମଗ୍ରୀର କଳାବଜାର

ସୀମାନ୍ତ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି ଦାବି

ରାଇଘର, ୨୨।୪(ଡି.ଏନ୍.ଏ.)- କରୋନା ଏବେ ଉର୍ଦ୍ଧ୍ୱଗାମୀ ହେଉଛି। ନବରଙ୍ଗପୁର ଜିଲା ଛତିଶଗଡ଼ ସୀମାନ୍ତ ରାଇଘର ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଛତିଶଗଡ଼ ସୀମା ସିଲ୍ କରାଯାଇଛି। କରୋନା ସାଙ୍ଗରେ ବିଭିନ୍ନ ଜିନିଷର କଳାବଜାର ମଧ୍ୟ ବଢ଼ିବାରେ ଲାଗିଛି। ପ୍ରଶାସନ କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ଦୋକାନରେ ବିଭିନ୍ନ ସାମଗ୍ରୀର ସରକାରୀ ମୂଲ୍ୟ ତାଲିକା ଲଗାଇଲେ ଏହାକୁ ରୋକାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ବର୍ଦ୍ଧିତ ସଂକ୍ରମଣରେ କିଛିମାତ୍ରାରେ ରୋକ୍ ଲଗାଇବାକୁ ବଣିକ ସଂଘ ଓ କ୍ରିୟାନୁଷ୍ଠାନ କମିଟି ରାଇଘର ବ୍ଲକରେ ବିଭିନ୍ନ ଦୋକାନ ବଜାର ବନ୍ଦ କରିଛନ୍ତି। ଗୁରୁବାର କିନ୍ତୁ କେତେଜଣ ବଡ଼ବଡ଼ ବ୍ୟବସାୟୀ ଦୋକାନ ଖୋଲାଯାଉ ବୋଲି ପ୍ରଶାସନକୁ ଜଣାଇଛନ୍ତି। ପ୍ରଶାସନ ବ୍ଲକରେ ବଢୁଥିବା କରୋନାକୁ ରୋକିବା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଦାବି କରିଛନ୍ତି। ସେହିଭଳି ସୀମାନ୍ତ ଅଞ୍ଚଳ ସହ ବିଭିନ୍ନ ଗଳାବାଟକୁ ଯାଞ୍ଚ କରିଯାଉ ବୋଲି ସେ କହିଛନ୍ତି। ଗତ ବର୍ଷ କରୋନା ସମୟରେ କିଛି କଳା ବ୍ୟବସାୟୀ ପୁଞ୍ଜିପତି ଯେଉଁଭଳି ସାଧାରଣ ଜନତାଙ୍କୁ ଶୋଷଣ କରିଥିଲେ ଚଳିତ ବର୍ଷ ମଧ୍ୟ ସମାନ ସ୍ଥିତି ଅନୁଭବ ହେଉଛି । ବଡ଼ ବଡ଼ ବ୍ୟବସାୟୀ ବିଭିନ୍ନ ଗୋଦାମରେ ସାମଗ୍ରୀ ମହଜୁଦ ରଖି ସେସବୁ ମିଳୁ ନ ଥିବା କହୁଛନ୍ତି। ପରେ ତାକୁ ଚଡ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏ ସବୁ ସମସ୍ୟା ନେଇ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ପଚାରିବାରୁ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଦୋକାନଗୁଡ଼ିକରେ ଚଢ଼ାଉ କରାଯିବ। ସାମଗ୍ରୀ କଳାବଜାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ଶିବମନ୍ଦିରରୁ ଚୋରି

ଦିଗପହଣ୍ଡି,୨୨।୪(ଡି.ଏନ୍.ଏ.)-ଦିଗପହଣ୍ଡି ନିକଟ ପଦ୍ମନାଭପୁର ଗ୍ରାମ ନୀଳକଣ୍ଠେଶ୍ୱରଙ୍କ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଷ୍ଟୋର ରୁମ ତାଲା ଭାଙ୍ଗି ପାଣି ମୋଟର ଓ ଗୋଟିଏ ମାଇକ ସାଉଣ୍ଡ ମେଶିନ ଚୋରି କରି ନେଇଛନ୍ତି। ଗୁରୁବାର ସକାଳେ ଷ୍ଟୋର ରୁମ୍ ତାଲା ଭାଙ୍ଗିଥିବା ଶ୍ରଦ୍ଧାଳୁମାନେ ଦେଖି ମନ୍ଦିର ପରିଚାଳନା କମିଟି ସଦସ୍ୟ ଭଗବାନ ସେଠୀଙ୍କୁ ଖବର ଦେଇଥିଲେ। ପରେ ଏ ନେଇ ଥାନାରେ ଏତଲା ଦିଆଯାଇଛି। ମନ୍ଦିରଟି ଗାଁ ବାହାରେ ମୁଖ୍ୟରାସ୍ତା କଡରେ ଥିବାରୁ ବାରମ୍ବାର ଏପରି ଚୋରି ହେଉଥିଲେ ମଧ୍ୟ ଚୋରଙ୍କୁ ଧରିବା ସମ୍ଭବ ହୋଉନାହିଁ।

# ସୋମବାର ସୁଦ୍ଧା ଖୋଲିବ କୋଭିଡ୍ ଡାକ୍ତରଖାନା

ଜୟପୁର,୨୨।୪(ନି.ପ୍ର)




ରାଜ୍ୟରେ ବର୍ତ୍ତମାନ କରୋନା ସଂକ୍ରମଣ ଯେଉଁଭଳିଭାବେ ବଢ଼ିବାରେ ଲାଗିଛି ତାକୁ ଆଖି ଆଗରେ ରଖି ସରକାର ବିଭିନ୍ନ ସହରରେ ଥିବା କୋଭିଡ୍ ଡାକ୍ତରଖାନାକୁ ତୁରନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ କୋଭିଡ୍ ଡାକ୍ତରଖାନା ସାଙ୍ଗକୁ କୋଭିଡ୍ କେୟାର ସେଣ୍ଟର ମଧ୍ୟ ଖୋଲାଯାଇଥିଲା। କୋଭିଡ୍ ରୋଗୀଙ୍କ ସଂଖ୍ୟା କମିଯିବାପରେ ପ୍ରଥମେ କେୟାର ସେଣ୍ଟର ଓ ପରବର୍ତ୍ତୀ ସମୟରେ ଡାକ୍ତରଖାନାକୁ ମଧ୍ୟ ବନ୍ଦ କରାଯାଇଥିଲା। ଏହି ଡାକ୍ତରଖାନା ପରିସରରେ ଟିକାକରଣ ସେଣ୍ଟର, ଚକ୍ଷୁ ବିଭାଗ ଏବଂ ବହିର୍ବିଭାଗ ଚିକିତ୍ସାକେନ୍ଦ୍ର ଖୋଲାଯାଇଥିଲା। କିନ୍ତୁ ସରକାର ପୁନଃ କୋଭିଡ୍ ଡାକ୍ତରଖାନା ଖୋଲିବା ପାଇଁ ନିର୍ଦ୍ଦେଶ ଦେବା ପରେ ବର୍ତ୍ତମାନ ସେଗୁଡ଼ିକୁ ସ୍ଥାନାନ୍ତର ନ କରି ସେହି କେନ୍ଦ୍ରଗୁଡ଼ିକର ପ୍ରବେଶ ପଥଗୁଡ଼ିକୁ ପରିବର୍ତ୍ତନ କରାଯାଉଛି। ଜୟପୁରସ୍ଥିତ କୋଭିଡ୍ ଡାକ୍ତରଖାନାରେ ମୋଟ ୧୫୦ଟି ବେଡ୍ ରହିଥିବା ବେଳେ ୧୦ଟି ଆଇସିୟୁ ବେଡ୍ ରହିଥିଲା। କିନ୍ତୁ ବର୍ତ୍ତମାନ ୩୦ଟି ଆଇସିୟୁ ବେଡ୍, ୧୫ ଭେଣ୍ଟିଲେଟର, ଅକ୍ସିଜେନ ଲାଗି କମ୍ପ୍ରେସର ମେଶିନ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପାରାବେଡ଼ା କେୟାର ସେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହୋଇଯାଇଥିବା ବେଳେ ଏଠି ବର୍ତ୍ତମାନ ସୁଦ୍ଧା କୌଣସି ରୋଗୀ ଆସି ନ ଥିବା କୋଭିଡ୍ ଦାୟିତ୍ୱରେ ଥିବା ଡାକ୍ତର ଆଶିଷ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଅସରାଏ ବର୍ଷା ପରେ ଜମିଛି ଆଣ୍ଠୁଏ ପାଣି



ସାଇ ନଗର ତୃତୀୟ ଲେନ୍‌ରେ ଜମି ଥିବା ବର୍ଷା ପାଣି।

ନବରଙ୍ଗପୁର,୨୨।୪(ବି.ପ୍ର.)

- ସାଇନଗରର ତୃତୀୟ ଲେନ୍‌ର ସମସ୍ୟା
- ପୌରସଂସ୍ଥା ପକ୍ଷରୁ କରାଯାଉ ନାହିଁ ଡ୍ରେନ୍ ବ୍ୟବସ୍ଥା
- ୮ବର୍ଷ ହେବ ସମସ୍ୟା ଭୋଗୁଛନ୍ତି ସାହି ବାସିନ୍ଦା

ସପ୍ତାହେ ହେବ ନିୟମିତ ବ୍ୟବଧାନରେ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ପବନ ସହ ବର୍ଷା ଲାଗି ରହିଛି। ସାମାନ୍ୟ ବର୍ଷା ହେଲେ ନବରଙ୍ଗପୁର ସହର ବେହାଲ ହୋଇ ପଡୁଛି। ଡ୍ରେନ୍‌ଗୁଡ଼ିକରୁ ଆବର୍ଜନା ନିୟମିତ ଉଠୁ ନ ଥିବାରୁ ବିଭିନ୍ନ ସାହି ଗଳିରେ ପାଣି ଜମି ରହୁଛି। ଫଳରେ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବୁଧବାର ରାତିରେ ହୋଇଥିବା ବର୍ଷା ଯୋଗୁ ସହରର ସାଇନଗର ତୃତୀୟ ଲେନ୍‌ରେ ଏବେ ସୁଦ୍ଧା ଆଣ୍ଠୁଏ ପାଣି ଜମି ରହିଛି। ରାସ୍ତାକଡ଼ରେ ଥିବା ଏକ କାର୍ ବୁଡି ରହିଛି। ଲୋକେ ଘରୁ ବାହାରି ପାରୁ ନାହାନ୍ତି। ଏଠାରେ ୮ ବର୍ଷ ହେବ ଡ୍ରେନ୍ ବ୍ୟବସ୍ଥା ନାହିଁ। ସେହିଭଳି ସହରର ୧୭ ୱାର୍ଡର ୧୯୨ଟି ପ୍ରମୁଖ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ୩ ମାସ ହେବ ଜଳୁନାହିଁ। ଅନ୍ଧାରରେ ଲୋକେ ହଇରାଣ ହେଉଛନ୍ତି। ଅନେକ ଥର ଅଭିଯୋଗ ହେଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ସାହି ବାସିନ୍ଦା କହିଛନ୍ତି। ଏନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ଅପରାହ୍ନ ୪ଟା ସୁଦ୍ଧା ସାଇନଗରର ପାଣି ନିଷ୍କାସନ କରାଯିବ। ଶୁକ୍ରବାର ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ସାମାଜିକ ଦୂରତା ଲାଗି ପ୍ରଶାସନର ପଦକ୍ଷେପ

ଦଶମନ୍ତପୁର, ୨୨।୪( ଡି.ଏନ୍.ଏ.)

କରୋନା ଏବେ ହୁ ହୁ ହୋଇ ବଢୁଛି। ଏଥିରୁ ରକ୍ଷା ପାଇବାକୁ ସାମାଜିକ ଦୂରତା ରଖିବା ଆବଶ୍ୟକ ହୋଇପଡୁଛି। ଏହାକୁ ନଜରରେ ରଖି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପ୍ରଶାସନ ପଦକ୍ଷେପ ନେଇଛି। ଶୁକ୍ରବାର ହେବାକୁ ଥିବା ସାପ୍ତାହିକ ହାଟରେ ବ୍ୟବସାୟୀମାନେ ସାମାଜିକ ଦୂରତା ରଖି କିପରି ବେପାର କରିବେ ସେଥିପାଇଁ ଧଳା ଚୂନରେ ସ୍ଥାନ ନିରୂପଣ କରି ଗୋଲାକାର ଚିହ୍ନ କରିଛନ୍ତି।



ସାମାଜିକ ଦୂରତା ପାଇଁ ଦଶମନ୍ତପୁର ସାପ୍ତାହିକ ହାଟରେ ଧଳା ଚିହ୍ନରେ ଗୋଲାକାର ଚିହ୍ନଟ କରାଯାଉଛି।

ଗୁରୁବାର ଦଶମନ୍ତପୁର ବ୍ଲକରୁ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ସ୍ଥାନୀୟ ତହସିଲଦାର ଅଜୟ ପ୍ରକାଶ ତିର୍କୀ, ଦଶମନ୍ତପୁର ଥାନା ଏଏସ୍ଆଇ ବାବୁଲା ପ୍ରଧାନ ସାପ୍ତାହିକ ହାଟକୁ ଯାଇ ବ୍ୟବସାୟୀଙ୍କ ସହ କଥା ହୋଇଛନ୍ତି। ପ୍ରଶାସନ ପକ୍ଷରୁ କରାଯାଇଥିବା ଧଳା ଗୋଲାକାର ଚିହ୍ନ ମଧ୍ୟରେ ଠିଆହେବାକୁ କୁହାଯାଇଛି। ବ୍ୟବସାୟୀମାନେ ମାସ୍କ ପିନ୍ଧି ବେପାର କରନ୍ତୁ ବୋଲି ଅଧିକାରୀମାନେ ସେମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ ହାଟ ସଙ୍କୁଚିତ ହେଲେ ମାଛପୁଟ ରାସ୍ତା ପାର୍ଶ୍ୱରେ ବେପାରୀ ମାନେ କୋଭିଡ୍ କଟକଣାରେ ଜିନିଷ ବିକ୍ରି କରିପାରିବେ ବୋଲି ପ୍ରଶସନ ପକ୍ଷରୁ କୁହାଯାଇଛି।

## କୋରାପୁଟରୁ ୪୫ ପଜିଟିଭ

କୋରାପୁଟ,୨୨।୪(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଗୁରବାର ୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜିଲା ସୂଚନା ଦେଇଛି। ଆକ୍ରାନ୍ତଙ୍କ ମଧ୍ୟରେ ୧୫ ମହିଳା ଓ ୩୦ ପୁରୁଷ ରହିଛନ୍ତି। କୋରାପୁଟ ମୁନିସପାଲଟି ଅଞ୍ଚଳରୁ ୩, ଜୟପୁର ମୁନିସପାଲଟିରୁ ୯, ସୁନାବେଡା ମୁନିସପାଲଟିରୁ ୬ ଓ କୋଟପାଡ ଏନଏସିରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ବନ୍ଧୁଗାଁ ବ୍ଲକରୁ ୨, ବୋରିଗୁମ୍ମାରୁ ୪, ଜୟପୁରରୁ ୨, ଦଶମନ୍ତପୁର ବ୍ଲକରୁ ୧, କୋରାପୁଟରୁ ୪, କୋଟପାଡରୁ ୨, କୁନ୍ଦୁରାରୁ ୧, ଲକ୍ଷ୍ମୀପୁରରୁ ୪ ଓ ସେମିଳିଗୁଡା ବ୍ଲକରୁ ୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାରେ ୨୧ ତାରିଖ ସୁଦ୍ଧା ୨ ଲକ୍ଷ ୬ହଜାର ୪୨୭ ଜଣ କୋରନା ଟିକା ପ୍ରଦାନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି କୋରନା ବୃଦ୍ଧି ଉପରେ ଅଙ୍କୁଶ ଲଗାଇବା ପାଇଁ କୋରାପୁଟ ସହରରେ ଉପଜିଲାପାଳ ଲିଳିତ କୁମାର କହଁର, ପୋଲିସ ଏସ୍‌ଡିପିଓ ଗୁଣନିଧି ମଲ୍ଲିକ, ଟାଉନ ଥାନାଧିକାରୀ ଧୀରେନ ପଟ୍ଟନାୟକ, ସଦର ଥାନାଧିକାରୀ ସମର୍ପିତା ସ୍ୱାଇଁ ପ୍ରମୁଖ ସହର ସମେତ ଗ୍ରାମାଞ୍ଚଳର ଲୋକଙ୍କୁ ସଚେତନତା କରୁଛନ୍ତି। ଏଥିସହ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଜରିମାନା ଆଦାୟ କରୁଛନ୍ତି।

# ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଲେ ନବରଙ୍ଗପୁର ଏମ୍‌ପି

ଉମରକୋଟ, ୨୨।୪(ସ୍ୱ.ପ୍ର.)

- ଚନ୍ଦାହାଣ୍ଡି,ରାଇଘର ଓ ଝରିଗାଁରେ କୋଭିଡ୍ ହସ୍ପିଟାଲ ଖୋଲିବାକୁ ନିବେଦନ
- ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି କରାଯାଉ

ନବରଙ୍ଗପୁର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଗୁରୁବାର ଜିଲାରେ ୨୦୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ଜିଲାର ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡିରେ କରୋନା ରୋଗୀଙ୍କ ସଂଖ୍ୟା ବହୁ ମାତ୍ରାରେ ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି। ତୁରନ୍ତ ଏହି ୩ ବ୍ଲକରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଓ ଡାକ୍ତର ନିଯୁକ୍ତି କରାଯାଉ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ନବରଙ୍ଗପୁର ସଦରରେ ଏକ ମାତ୍ର କୋଭିଡ୍ ହସ୍ପିଟାଲ ରହିଛି; ଯାହାକି ରାଇଘରରୁ ୯୦, ଚାନ୍ଦାହାଣ୍ଡିରୁ ୧୨୦ ଓ ଝରିଗାଁରୁ ୮୦କିଲୋମିଟର ଦୂର। ଫଳରେ ଏଠାକୁ ଆସିବାକୁ ଲୋକଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସେସବୁ ଅଞ୍ଚଳରେ କୋଭିଡ୍ ହସ୍ପିଟାଲ ଖୋଲିବାକୁ ଏମ୍‌ପି ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକରୁ ଅଧିକ ଡାକ୍ତରଙ୍କୁ ନିୟୋଜିତ କରାଯାଉ ବୋଲି ସେ ପତ୍ର ମାଧ୍ୟମରେ ଉଲ୍ଲେଖ କରିଛନ୍ତି।



ଏମ୍‌ପି ରମେଶ ଚନ୍ଦ୍ର ମାଝି

# ପୁଟାସିଲ ଯୁବ କ୍ରିକେଟ ଟିମ୍ ଚାମ୍ପିୟନ



ଫାଇନାଲ ମ୍ୟାଚରେ ଉପସ୍ଥିତ ଖେଳାଳି, ଅତିଥି ଓ ଅନ୍ୟମାନେ।

ସେମିଳିଗୁଡା,୨୨।୪(ସ୍ୱ.ପ୍ର.)

## ଦେଓମାଳୀ କେନ୍ଦ୍ରୀୟ ଯୁବକ ସଂଘ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଦୁଧାରୀ ପଞ୍ଚାୟତର ପୁଟସିଲ ଗ୍ରାମ ଦେଓମାଳିସ୍ଥିତ ଗିରଲ୍ଲୀମାଳି ପଡିଆରେ ଦେଓମାଳି କେନ୍ଦ୍ରୀୟ ଯୁବକ ସଙ୍ଘ ପକ୍ଷରୁ ୧୨ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଶେଷ ହୋଇଛି। ୨୫ଟି ଟମ୍‌କୁ ପଛରେ ପକାଇ ପୁଟାସିଲ ଯୁବ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି।

ଫାଇନାଲ ମ୍ୟାଚରେ ପୁଟାସିଲ ଯୁବ କ୍ରିକେଟ ଟିମ୍ ଓ ମାଳିଆ ଦଳ ପରସ୍ପରକୁ ଭେଟିଥିଲେ। ମାଳିଆ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୨ ଓଭରରେ ୭୦ ରନ କରିଥିଲେ। ପୁଟସିଲ ଯୁବ କ୍ରିକେଟ ଟିମ ୯ ଓଭରରେ ୩ ଉଇକେଟ ହରାଇ ୭୧ରନ କରିଥିଲେ। ପଟ୍ଟାଙ୍ଗୀ ବିଧାୟକ ପୀତମ ପାଢ଼ୀ, ସାମାଜିକ କର୍ମୀ ସମ୍ପା ପାଙ୍ଗି ଅତିଥିଭାବେ ଯୋଗଦେଇ ବିଜେତା ପୁଟସିଲ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଏବଂ ରନର୍ସ ମାଳିଆ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ ଦି ମ୍ୟାଚଭାବେ ସଚିନ କୁମାର ତାଡ଼ଙ୍ଗୀ, ମ୍ୟାନ ଅଫ ଦି ସିରିଜ ଭାବେ ଦାନୀୟାଲ ସାନ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟକୁ ଦେଓମାଳି କେନ୍ଦ୍ରୀୟ ଯୁବ ସଙ୍ଘ ସଭାପତି ଜୟଦେବ ଦିଶାରୀ, କୁଭି ସମାଜ ଉପଦେଷ୍ଟା ପ୍ରେମ ଦେୟ ଦିଶାରୀ, ବିଶ୍ୱନାଥ ଦିଶାରୀ, ସାମାଜିକ କର୍ମୀ ପ୍ରେମପାତ୍ର ଜାନି, ଶିକ୍ଷକ ସନା ଜାନି, ରାଜେନ୍ଦ୍ର ସାନ୍ତା, କୁଭି ସମାଜ ଜିଲା ସମ୍ପାଦକ ବିଙ୍ଗେୟା ସାନ୍ତା, ସରପଞ୍ଚ ପ୍ରତିନିଧି ମୋହନ ଯାନୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ସାପ୍ତାହିକ ହାଟରେ ଚଢ଼ାଉ, ଜରିମାନା

ଡାବୁଗାଁ, ୨୨।୪ (ଡି.ଏନ୍.ଏ.)



ଡାବୁଗାଁ ସାପ୍ତାହିକ ହାଟରେ ପୋଲିସ ଓ ପ୍ରଶାସନ ଅଧିକାରୀମାନେ ପହଞ୍ଚି ଦୋକାନ ବନ୍ଦ କରିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି।

## ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ଯାଏ ବନ୍ଦ ରହିବ ହାଟ

ସାରା ରାଜ୍ୟରେ କରୋନା ମହାମାରୀ ନିଜର କାୟା ବିସ୍ତାର କରୁଥିବା ବେଳେ ନବରଙ୍ଗପୁର ଜିଲା ଡାବୁଗାଁ ମଧ୍ୟ ଏଥିରୁ ବାଦ ପଡିନାହିଁ। ଏହାକୁ ନଜରରେ ରଖି ଡାବୁଗାଁରେ ଗୁରୁବାର ହେଉଥିବା ସାପ୍ତାହିକ ହାଟକୁ ବନ୍ଦ ରଖିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଏହାକୁ ଖିଲାପ କରି କେତେଜଣ ବ୍ୟବସାୟୀ ଗୁରୁବାର ସାପ୍ତାହିକ ହାଟରେ ବେପାର ଆରମ୍ଭ କରିଥିଲେ। ଲୋକମାନେ ମଧ୍ୟ ସେଠାରେ ଭିଡ଼ ଜମାଇ ଜିନିଷ କିଣୁଥିଲେ। ଖବରପାଇ ତହସିଲଦାର ସନ୍ଧ୍ୟା ସମରଥ ପୋଲିସ ସହ ସେଠାରେ ପହଞ୍ଚି ପରିବା ଦୋକାନଗୁଡିକୁ ୧୫ ମିନିଟ୍ ମଧ୍ୟରେ ବନ୍ଦ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଖିଲାପ କରିଥିବା ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ହାଟ ବନ୍ଦ ରହିବ ବୋଲି ତହସିଲଦାର କହିଥିଲେ। ମୁହଁରେ ମାସ୍କ ପିନ୍ଧି ସାମାଜିକ ଦୂରତା ରକ୍ଷା କରିବାକୁ ତହସିଲଦାର ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ।

# ସାହି ବୁଲିଲେ, ଭୋଗ ଖାଇଲେ ଗଙ୍ଗାମା’

ଜୟପୁର,୨୨।୪(ନି.ପ୍ର.)

## ଆରମ୍ଭ ହେଲା ଘଟଯାତ୍ରା

- ୫ ଦିନ ଧରି କୋଭିଡ୍ କଟକଣାରେ ଚାଲିବ
- ରାଷ୍ଟ୍ର ମଙ୍ଗଳ ପାଇଁ ବୁଲିବେ ମା’



କୋରାପୁଟ ଜିଲା ଜୟପୁର ଗଙ୍ଗାନଗରେ ଥିବା ଗଙ୍ଗାମା’ଙ୍କ ଘଟଯାତ୍ରା କୋଭିଡ୍‌ଗାଇଡ୍‌ଲାଇନ ମଧ୍ୟରେ ଗୁରୁବାର ଆରମ୍ଭ ହୋଇଛି। ଏହି ଯାତ୍ରା ୫ ଦିନ ଧରିଚାଲିବ।

ପ୍ରଥମେ ବାଜା ବଜାଇ ସ୍ଥାନୀୟ ଅଞ୍ଚଳର ଅଧିଷ୍ଠାତ୍ରୀ ମା’ ଭଗବତୀଙ୍କ ନିକଟରେ ପୂଜାପାଠ କରାଯାଇ ଆଜ୍ଞାମାଳ ଅଣାଯାଇଥିଲା। ପରେ ନୂତନ କଳସ ଅଣାଯାଇ ପୂଜା ପାଠ କରାଯାଇଥାଏ। ମନ୍ଦିର ସମ୍ମୁଖରେ ଆକର୍ଷଣୀୟ ତୋରଣ ଲଗାଯାଇଛି। ଯାତ୍ରା ୫ ଦିନ ବାଜା ବଜାଇ ମା’ଙ୍କ ପ୍ରତୀକ ଘଣ୍ଟ ହାଣ୍ଡି ଓ ଫୁଲ ଚାଙ୍ଗୁଡି ମୁଣ୍ଡରେ ଧରି ଭକ୍ତମାନେ ସାହି ସାହି ପରିକ୍ରମା କରିବେ। ରାଷ୍ଟ୍ର ମଙ୍ଗଳ ପାଇଁ ମା’ ସାହି ସାହି ଘର ଘର ବୁଲନ୍ତି। ଏହି ସମୟରେ ଭକ୍ତମାନେ ଘର ସମ୍ମୁଖରେ ଲିପାପୋଛା କରି ଭୋଗରାଗ ଲାଗି କରିଥାନ୍ତି। ପରେ ବିଳମ୍ବିତ ରାତ୍ରରେ ମା’ଙ୍କ ପ୍ରତୀକ ଘଣ୍ଟ ହାଣ୍ଡି ମନ୍ଦିରକୁ ଫେରିଥାଏ । ସେହି ସମୟରେ ଘଣ୍ଟକୁ ଧରିଥିବା ଭକ୍ତକୁ ଖଣ୍ଡାରେ ଝୁଲାଯାଇ ଶାନ୍ତି କରାଯାଇ ମନ୍ଦିରକୁ ନିଆଯାଏ। ପ୍ରତ୍ୟେକ ବର୍ଷ ସନ୍ଧ୍ୟା ପରେ ମା’ ସାହି ପରିକ୍ରମା କରନ୍ତି। ଚଳିତ ବର୍ଷ ନାଇଟ କର୍ଫ୍ୟୁ ଥିବାରୁ ୫ଟାରେ ବିଧି ରଖିବା ପାଇଁ ସାହି ପରିକ୍ରମା କରାଯାଇଥିଲା। ସେତେ ଧୁମଧାମରେ ପାଳନ କରାଯାଇ ନ ଥିଲେ ବି ନିତିକାନ୍ତି ଭିତରେ ଯାତ୍ରା କରାଯିବ ବୋଲି ପୂଜା କମିଟି ସୂଚନା ଦେଇଛି।



ମା’ଙ୍କ ପ୍ରତିକ ଘଣ୍ଟ ହାଣ୍ଡି, ଫୁଲ ଚାଙ୍ଗୁଡି ମୁଣ୍ଡରେ ଧରି ଭକ୍ତମାନେ ସାହି ପରିକ୍ରମା କରୁଛନ୍ତି।

# ବାଲଡ଼ା ଜିପିଟିଏ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ

ନନ୍ଦପୁର,୨୨।୪(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଲଡ଼ା ପଞ୍ଚାୟତରେ କାର୍ଯ୍ୟରତ ଜିପିଟିଏ ଶୁଚିସ୍ମିତା ପରିଡ଼ା ମନମୁଖି କାର୍ଯ୍ୟ କରୁଥିବା ନେଇ ଲୋକ ପ୍ରତିନିଧି ଏବଂ ଅଞ୍ଚଳବାସୀ କୋରାପୁଟ ଜିଲାପାଳ ଅବଦଲ ଅଖତର, ପିଡି ଡି ଆର୍‌ଡିଏ, ନନ୍ଦପୁର ବିଡିଓ କୈଳାସ ଚନ୍ଦ୍ର ଶିଆଳ, ପଟ୍ଟାଙ୍ଗୀ ବିଧାୟକ ପୀତମ ପାଢ଼ୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏଥିସହ ୫-ଟି ବିଭାଗକୁ ମଧ୍ୟ ଟୁଇଟ୍ ଯୋଗେ ନିଜ ଅଭିଯୋଗ ସମ୍ପର୍କରେ ଜଣାଇଛନ୍ତି।

ପ୍ରଥମେ ଅଞ୍ଚଳବାସୀ ଓ ଲୋକ ପ୍ରତିନିଧି ସ୍ଥାନୀୟ ପଞ୍ଚାୟତ ଅଫିସରେ ଏକ ବୈଠକ କରିଥିଲେ। ଜିପିଟିଏ ଶୁଚିସ୍ମିତା ମନମୁଖି କାର୍ଯ୍ୟ କରିବା ସହ ସମସ୍ତଙ୍କ ସହ ଦୁର୍ବ୍ୟବହାର କରୁଛନ୍ତି ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ସେ ଯେକୌଣସି ଉନ୍ନୟନ କାର୍ଯ୍ୟ ଆରମ୍ଭରୁ ପ୍ଲାନ୍ ଓ ଏଷ୍ଟିମେଣ୍ଟ ପାଇଁ କାର୍ଯ୍ୟ ତୁଳାଉଥିବା ବ୍ୟକ୍ତିଙ୍କଠାରୁ ୨% ଟଙ୍କା ଆଦାୟ କରୁଥିବା ଅଭିଯୋଗ ଆସିଥିଲା। ବାଲଡା ଗ୍ରାମର ଡୋମୁ ହନ୍ତଳାଙ୍କଠାରୁ ତିନି ହଜାର ଟଙ୍କା କାମ ଦେବା ନାଁ ରେ ନେଇଥିବା ଅଭିଯୋଗ ହୋଇଛି। ସେ କାର୍ଯ୍ୟ ଚାଲୁଥିବା କିମ୍ବା କୌଣସି କାର୍ଯ୍ୟ ତୁଳାଉଥିବା ବ୍ୟକ୍ତିଙ୍କ ପାଖକୁ ଗଲେ ତାଙ୍କ ବ୍ୟକ୍ତିଗତ ଗାଡ଼ିର ତେଲ ବାବଦକୁ ଟଙ୍କା ମଧ୍ୟ ମାଗୁଥିବା ଲୋକେ ଅଭିଯୋଗ କରିଥିଲେ। ବିନା ଟଙ୍କାରେ ସେ କୌଣସି କାର୍ଯ୍ୟର ବିଲ୍ କରୁନାହାନ୍ତି। ନିୟମାନୁସାରେ ପଞ୍ଚାୟତର ୧୦ କି.ମି. ଭିତରେ ରହିବା କଥା। କିନ୍ତୁ ସେ ପଞ୍ଚାୟତଠାରୁ ପ୍ରାୟ ୪୦ କି.ମି. ଦୂରରେ ରହୁଛନ୍ତି। ଏପରି ସ୍ଥଳେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କାମ କରୁଥିବା ଦିନ ମଜୁରିଆ ହଇରାଣ ହେଉଛନ୍ତି ବୋଲି ଲୋକେ ବୈଠକରେ ଆଲୋଚନା କରିଥିଲେ। ସମସ୍ତ ଅଭିଯୋଗ ସମ୍ବଳିତ ଏକ ଚିଠି ବିଭିନ୍ନ ଅଧିକାରୀଙ୍କୁ ପଠାଯାଇଛି। ଏହାର ତଦନ୍ତ କରି ଜିପିଟିଏଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ୱାର୍ଡମେମ୍ବର ଡୋମୁ ହନ୍ତାଳ, ଚନ୍ଦ୍ରସେନ ହନ୍ତାଳ, ସଇତା ମୁଦୁଲି, ଜେମା ଦେଶତି, ରୋଇଲା ବଡନାୟକ, ରଘୁନାଥ ଖରା, ରବୀନ୍ଦ୍ର ପାଙ୍ଗୀ, ବାସୁଦେବ ମୁଦୁଲି ଏବଂ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ନେଇ ଜିପିଟିଏ ଶୁଚିସ୍ମିତାଙ୍କ ସହ ଯୋଗାଯୋଗ କରିବାରୁ ସମସ୍ତ ଅଭିଯୋଗ ଭିତ୍ତିହୀନ। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି।



ପଞ୍ଚାୟତ ଅଫିସରେ ଚାଲିଥିବା ବୈଠକ ।

## ବୈଠକ ପରେ ଅଧିକାରୀଙ୍କୁ ପତ୍ର ଲେଖିଲେ ଲୋକପ୍ରତିନିଧି, ଅଞ୍ଚଳବାସୀ

